## ସଂକ୍ଷେପରେ

### ପାତିମାଙ୍କଡ଼ ଶିକାର, ୬ ଗିରଫ



ବନ୍ତଳା, ୬।୩(ଡି.ଏନ.ଏ.)- ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜ ଜୁକୁବୁ ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ଦୁଇ ଭାକୁଧରି ନିକଟରେ ଗୁରୁବାର ଏକ ପାତି ମାଙ୍କଡ଼ ଶିକାର କରାଯାଇଛି । ଖବରପାଇ ରେଞ୍ଜର ସୁଦୀପ୍ତ ମହାପାତ୍ର ଓ ବନ କର୍ମଚାରୀମାନେ ଚଢ଼ାଉ କରିବା ସହିତ କଞ୍ଚା ମାଂସ ୩.୫ କେଜି ଓ ରନ୍ଧା ମାଂସ ୨ କେଜି ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଗୁଡ଼ିଆପଡାର ଲକ୍ଷଣ ବେହେରା, ବ୍ରହ୍ମପୁରର ନରହରି ସାହୁ, ଡିମିରିପାଳର କୁମୁଦ ଚନ୍ଦ୍ର ପ୍ରଧାନ, ପମ୍ପାସର ଗ୍ରାମର ତପି ଗଡନାୟକ ଓ ନୟନା ପ୍ରଧାନ, ବିଭୀଷଣ ପ୍ରଧାନଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

### ବ୍ୟବସାୟୀଙ୍କ ପରଲୋକ

ବଅଁରପାଳ, ୬।୩ (ଡି.ଏନ୍.ଏ)- ବଅଁରପାଳ ବ୍ଲକ ନାଲ୍‌କୋ ଏଫ୍‌ସିଆଇ ଛକ ବଜାରର ବ୍ୟବସାୟୀ ସୁଦାମ ସାହୁ(୭୫)ଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ବଜାର କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବ୍ୟବସାୟୀ ବିପିନ ସ୍ୱାଇଁ, କମିଟି ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଅମାନ୍ତ, ଶ୍ରୀକାନ୍ତ ଜେନା, ଲୁଲୁ ବିଶୋଇ, ଜୁଲୁ ସ୍ୱାଇଁଙ୍କ ସମେତ ବଜାରବାସୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ବଜାର ବନ୍ଦ ରହିଥିଲା।

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୬।୩(ଡି.ଏନ.ଏ.)-କିଶୋରନଗର ବ୍ଲକ ଗୁରୁଜାଙ୍ଗ ଗ୍ରାମଠାରେ ଥିବା ଗାୟତ୍ରୀ ଠିକାସଂସ୍ଥାର କର୍ମଚାରୀ ସବ୍ୟରଞ୍ଜନ ଜେନାଙ୍କୁ ଗୁରୁଜାଙ୍ଗ ଗ୍ରାମର ଜ୍ୟୋତି ପ୍ରକାଶ ବୀର ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସାମାନ୍ୟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଆକ୍ରମଣରେ ମହିଳା ଗୁରୁତର

ଛେଣ୍ଡିପଦା,୬।୩(ସ୍ୱ.ପ୍ର)- ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମରେ ଶୁକ୍ରବାର ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ରାହ୍ମଣବିଲ ଗ୍ରାମର ମାର୍କଣ୍ଡ ସାହୁଙ୍କ ସ୍ତ୍ରୀ ସୁମତୀ ସାହୁ(୫୨) ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଶୁକ୍ରବାର ଭୋର ୫ଟା ପୂର୍ବରୁ ମାର୍କଣ୍ଡ ଘରୁ ବାହାରକୁ ଚାଲି ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଶୋଇଥିବା ସୁମତୀଙ୍କୁ ଆକ୍ରମଣ କରି ପଳାଇଥିଲେ। ପରେ ପଡୋଶୀ ସୁମତୀଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାର୍କଣ୍ଡଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଡିକି ଭାଙ୍ଗି ୧୫ ହଜାର ଲୁଟ୍

ଛେଣ୍ଡିପଦା,୬।୩(ସ୍ୱ.ପ୍ର.)- ଛେଣ୍ଡିପଦା ସାପୋଇ ସାହିଠାରେ ଥିବା ଏକ ହସ୍ପିଟାଲ ସମ୍ମୁଖରୁ ଶୁକ୍ରବାର ବାଇକ୍ ଡିକି ଭାଙ୍ଗି ୧୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମର ବାବାଜୀ ପ୍ରଧାନ ଏଟିଏମରୁ ୧୫ହଜାର ଟଙ୍କା ଉଠାଇ ଡିକିରେ ରଖିଥିଲେ। ପରେ ସ୍ଥାନୀୟ ହସ୍ପିଟାଲକୁ ସମ୍ପର୍କୀୟଙ୍କୁ ସାକ୍ଷାତ ପାଇଁ ଯାଇଥିଲେ। ହସ୍‌ପିଟାଲ ସମ୍ମୁଖରେ ବାଇକ୍ ରଖି ଭିତରକୁ ଯିବା ପରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡିକି ଭାଙ୍ଗି ୧୫ ହଜାର ଟଙ୍କା, ଆଧାର କାର୍ଡ ଓ ପାସ୍ ବୁକ୍ ନେଇ ପଳାଇ ଯାଇଥିବା ବାବାଜୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ଲୁଟ୍

କଣିହାଁ, ୬।୩(ଡି.ଏନ.ଏ.)- ତାଳଚେର ବ୍ଲକ କଣିହାଁ ଥାନା କୁମୁଣ୍ଡା ପଞ୍ଚାୟତ ମରଡହରିହରପୁର ଅଞ୍ଚଳର ସନାତନ ପ୍ରଧାନଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଏ ନେଇ କଣିହାଁ ଥାନାରେ ଅଭିଯୋଗ ହୋଇଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, ପ୍ରାୟ ୭ ଜଣ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଭିତରେ ପଶିବା ସହ ଘରେ ଥିବା ନଗଦ ୩୩ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ କରିଛନ୍ତି। ଅଭିଯୋଗ କ୍ରମେ ନଂ. ୩୯/୨୦ରେ ମାମଲା ରୁଜୁ ହୋଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରହିଛି।

# ପାଇପ୍ ଫାଟି ମାଡ଼ିଗଲା ପାଉଁଶ ପାଣି

ତାଳଚେର,୬।୩(ନି.ପ୍ର.)

- କେତେଜଣଙ୍କ ଘର, ଚାଷଜମି କ୍ଷତିଗ୍ରସ୍ତ
- ଜଗନ୍ନାଥପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ
- କ୍ଷତିପୂରଣ ସହ ପାଉଁଶ ସଫା କରିବେ କର୍ତ୍ତୃପକ୍ଷ

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଆଶ୍ ପାଇପ୍ ଶୁକ୍ରବାର ଜଗନ୍ନାଥପୁର ଗ୍ରାମ ନିକଟରେ ଫାଟି ଯିବାରୁ କେତେଜଣଙ୍କ ଘର ସହ ଚାଷ ଜମିରେ ପାଉଁଶ ପାଣି ମାଡ଼ିଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଖବରପାଇ ଥର୍ମାଲ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍ ମରାମତି କରିବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଓ ପାଉଁଶ ସଫେଇ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଟିଟିପିଏସ୍‌ରୁ ନିର୍ଗତ କୋଇଲା ପାଉଁଶକୁ ପାଇପ୍ ମାଧ୍ୟମରେ (ପାଣି ସହିତ ସ୍ଲରି କରାଯାଇ) ଏମ୍‌ସିଏଲ୍‌ର ଥିବା କୋଇଲା ଖଣିରେ ପକାଯାଇଥାଏ। ତାଳଚେରର ଜଗନ୍ନାଥପୁର ଗ୍ରାମ ନିକଟ ଦେଇ ଏହି ପାଉଁଶ ପାଇପ୍ ଯାଇଛି। ସକାଳ ପ୍ରାୟ ୬ଟା ବେଳେ ହଠାତ ଉକ୍ତ ପାଇପ୍ ଫାଟି ଯାଇଥିଲା। ଫଳରେ ମୂଷଳ ଧାରାରେ ପ୍ରବାହିତ ପାଉଁଶ ପାଣି ଗ୍ରାମର ଚାରୁ ବାରିକ, ଦୟାନନ୍ଦ ସାହୁ, ଅରୁଣ ସାହୁ, ବାବୁଲି ନାଏକ, ଜଳଧର ଦାସଙ୍କ ଘରେ ପଶିଯିବା ସହ ରାସ୍ତା ଓ ବହୁ ଚାଷ ଜମିରେ ମାଡ଼ି ଯାଇଥିଲା। ଚାରିଆଡେ ପାଉଁଶମୟ ହୋଇଯିବା ଯୋଗୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ଟିଟିପିଏସ୍ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍‌ରେ ପ୍ରବାହିତ ପାଣିକୁ ବନ୍ଦ କରିବା ସହ ମରାମତି କାର୍ଯ୍ୟ କରିଥିଲେ। ସ୍ଥାନୀୟ ସରପଞ୍ଚ, ପୋଲିସ, ଟିଟିପିଏସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ କ୍ଷୟକ୍ଷତିକୁ ନେଇ ଚାଇଁପାଳ ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ, ୩ ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ ଓ ଘର ଭିତରେ ଜମା ହୋଇଥିବା ପାଉଁଶକୁ ସଫା କରାଯିବ ବୋଲି ବୈଠକରେ ଟିଟିପିଏସ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଫାଣ୍ଡି ଅଧିକାରୀ ଗୋକୁଳାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।



ଜଗନ୍ନାଥପୁର ଗ୍ରାମର ଏକ ଘରେ ପାଉଁଶ ପାଣି ପଶିଯାଇଛି।

# ଝୋଟିରେ ଝଲସୁଛି ଗାଁ



ରାଧାକୃଷ୍ଣଙ୍କ ବିମାନକୁ ବନ୍ଦାପନା କରାଯାଉଛି।

ବଅଁରପାଳ, ୬।୩ (ଡି.ଏନ୍.ଏ)

**କୁମଣ୍ଡରେ ଆଜିଠାରୁ ଦୋଳୋତ୍ସବ**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁମଣ୍ଡ ଗ୍ରାମରେ ଶନିବାରଠାରୁ ଦୋଳ ଉତ୍ସବ ପାଳନ କରାଯିବ। ଏହା ୩ ଦିନ ଧରି ଚାଲିବ। ଉତ୍ସବକୁ ଧୁମ୍‌ଧାମରେ ପାଳନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଗାଁର ପ୍ରତ୍ୟେକ ସାହି ରଙ୍ଗୀନ ଝୋଟିରେ ଝଲସୁଛି। ଶନିବାର କୁମଣ୍ଡ ଭଣ୍ଡଗୁରଠାରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ହୁଲୁରୁସିଂହା, ମଦନମୋହନ, ଶାକସିଂହା, ଜରାସିଂହା, ପରତରା, ବେଡ଼ାସର ସମେତ ଆଖପାଖ ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣଙ୍କର ବିମାନ ସାମିଲ ହେବେ। ପାରମ୍ପରିକ ବାଦ୍ୟ ନୃତ୍ୟ ସହ ଲଉଡ଼ି ଖେଳ, ପାଇକ ଖେଳ, ଘଣ୍ଟବାଦ୍ୟ ଆଦି ପରିବେଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କୁ ଶୋଭାଯାତ୍ରାରେ ମେଳଣ ପଡିଆକୁ ଅଣାଯିବ। ଏହାପରେ ଯଥାରୀତି ପୂଜାର୍ଚ୍ଚନା କରାଯିବ। ସେହିପରି ସୋମବାର ଗ୍ରାମରେ ଦୋଳ ଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରାରେ ପାଇକ ଆଖଡ଼ା, ଲଉଡ଼ି ଖେଳ, ଘଣ୍ଟୁଆ, ଛତି ତରାଶ, ସିଂହବାଜା ସହ ବିଭିନ୍ନ ପ୍ରକାର ବାଦ୍ୟନୃତ୍ୟ ପରିବେଷଣ କରାଯିବ। ଯାତ୍ରାରେ ବିଭିନ୍ନ କିସମର ଦୋକାନ ବଜାର ପଡ଼ିବା ସହ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଯାତ୍ରା କମିଟିର ସଭାପତି କର୍ଣ୍ଣ ସାହୁ, ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି।

# ନୃତ୍ୟରେ କମ୍ପିଲା ମୁକ୍ତାକାଶ ରଙ୍ଗମଞ୍ଚ

ପାଲଲହଡା,୬।୩(ଡି.ଏନ.ଏ)

**ମାଲ୍ୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଲୋକ ମହୋତ୍ସବ ମାଲ୍ୟଗିରି ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଜିଲା ତଥା ଜିଲା ବାହାରୁ ଆସିଥିବା କଳାକାରମାନଙ୍କ ନୃତ୍ୟଗୀତରେ ଦୁଲୁକି ଉଠିଥିଲା ମାଲ୍ୟଗିରି ମୁକ୍ତାକାଶ ରଙ୍ଗମଞ୍ଚ। ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଆଖ୍ୟା କୁମାର ସାହୁ ଯୋଗ ଦେଇଥିଲେ। ପରେ ମହୋତ୍ସବ କମିଟି ତରଫରୁ ନିମନ୍ତ୍ରିତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଛଉ ନୃତ୍ୟ ଏବଂ କ୍ରିଏଟିଭ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିବାବେଳେ ପାରମ୍ପରିକ ଲୋକନୃତ୍ୟ ସାଙ୍ଗକୁ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନଙ୍କ ମୁଣ୍ଡା ନୃତ୍ୟ, ପାଲା, ଛଉ ନୃତ୍ୟ, ଆଧୁନିକ ନୃତ୍ୟ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା ଓଲିଉଡ କଳାକାର ସମ୍ବିତ ଆଚାର୍ଯ୍ୟଙ୍କ ଅଭିନୟ ଏବଂ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସନ୍ଧ୍ୟାରୁ ବର୍ଷା ଲାଗି ରହିଥିଲେ ମଧ ଜନ ସମାଗମ ଦେଖିବାକୁ ମିଳିଥିଲା। ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରାବଣାଛାୟା, ଗୋଟିପୁଅ, ଡାଲଖାଇ ନୃତ୍ୟ, ଭାରତ ନାଟ୍ୟମ ପରିବେଷଣ ସହ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଯୋଗ ଦେଇଥିବା ଅତିଥିମାନେ।

# ଘଣ୍ଟାଏ ଛେଚିଲା, ଲୋକେ ଅସ୍ତବ୍ୟସ୍ତ

ଅନୁଗୋଳ ଅଫିସ୍, ୬।୩

ଅନୁଗୋଳରେ ଶୁକ୍ରବାର ଜୋରଦାର ବର୍ଷା ହୋଇଛି। ସକାଳେ କିଛି ସମୟ ପାଇଁ ବର୍ଷା ପରେ ପାଗ ବଦଳି ଯାଇଥିଲା। ଦିନତମାମ ଖରା ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ଘଣ୍ଟାଏ କାଳ ପୁଣି ବର୍ଷା ଛେଚିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଏଥିସହ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୋଳଉତ୍ସବ ମଧ୍ୟ ଫିକା ପଡ଼ିଯାଇଥିଲା। ସଭାଘର ଠାରେ ଆୟୋଜନ ହେବାକୁ ଥିବା ନାଟ୍ୟଉତ୍ସବକୁ ବାତିଲ କରିଦିଆଯାଇଥିଲା।

# ଆଜି ଅନୁଗୋଳ ଜିଲା ପାଇବ ୫୪ ଶିକ୍ଷକ

ଅନୁଗୋଳ ଅଫିସ୍, ୬।୩

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶନିବାର ୫୪ ଜଣ ଶିକ୍ଷକ ନିଯୁକ୍ତି ପାଇବେ। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଶିକ୍ଷକମାନଙ୍କୁ ଜିଲାର ୫ଟି ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯିବ। ଜିଲା ଖଣିଜ ପାଣ୍ଠିରୁ କଣିହାଁ, ପାଲଲହଡ଼ା ଓ ଛେଣ୍ଡିପଦାରେ ପୂର୍ବରୁ ୨ଶହ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ତେଣୁ ଏବେ ଉକ୍ତ ବ୍ଲକଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯିବ ନାହିଁ। ଅନ୍ୟ ୫ଟି ବ୍ଲକରେ ୫୪ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଗିରାଙ୍ଗ ରାମ ମନ୍ଦିର ବାର୍ଷିକ ଉତ୍ସବ

ବଅଁରପାଳ, ୬।୩ (ଡି.ଏନ୍.ଏ): ବଅଁରପାଳ ବ୍ଲକ ଗିରାଙ୍ଗ ବାଲିସାହି ଠାରେ ଥିବା ରାମଚନ୍ଦ୍ର ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଗୁରୁବାର ଶତାଧିକ ଶ୍ରଦ୍ଧାଳୁ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ହୋମଯଜ୍ଞ, ସଂକୀର୍ତ୍ତନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତା ଭାବେ ଦୁଃଖବନ୍ଧୁ ଗଡ଼ନାୟକ, ମାଳତୀ ଗଡ଼ନାୟକ, ଗଗନ ବିହାରୀ ସାମଲ, ଭାରତୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+
**ADVERTISEMENT**
No Estt-II / HC-1183 / 9600 / 2020 Dated: 14.2.2020
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR

OFFICE OF THE CSO-CUM-DISTRICT MANAGER
**O.S.C.S.C. LTD., ANGUL**
No. 984/ Dt. 06.03.2020
**TENDER CALL NOTICE**
Selaed quotations / tenders are invited from interested reputed Travel Agencies / Tour operators or private individuals for providing 01 (One) No. of vehicle (Model Bolero) for use in the Office of CSO-cum-District Manager, OSCSC Ltd., Angul as well as paddy procurement operation for the KMS: 2019-20. The details of the tender terms and conditions are available in the District Website www.angul.nic.in. The last date of receipt of tender paper and relevant document fixed on 20.03.2020 by 5.30 PM.
*Sd./- CSO-cum-District Manager*
*O.S.C.S.C. Ltd., Angul*

# କାର୍ଯ୍ୟକୁ ନେଇ ସନ୍ତୋଷ ବ୍ୟକ୍ତ କଲେ ଜିଲାପାଳ



ସମ୍ମିଳନୀରେ ଯୋଗ ଦେଇଥିବା ବିଭାଗୀୟ କର୍ମଚାରୀ ଓ ଆଶାକର୍ମୀମାନେ।

ଅନୁଗୋଳ ଅଫିସ, ୬।୩

**ଆଶା ଓ ଗାଁ କଲ୍ୟାଣ ସମିତିର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟମିଶନ ଦ୍ୱାରା ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ କହିଥିଲେ ଯେ, ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବାରେ ଆଶା କର୍ମୀମାନଙ୍କ ପ୍ରମୁଖ ଭୂମିକା ରହିଛି। ସେମାନେ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ଗୁଡ଼ିକୁ ନିଷ୍ଠାପର ଭାବେ ଘରେ ଘରେ ପହଞ୍ଚାଇପାରୁଛନ୍ତି। ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ଆଶାନୁରୂପ ଭାବେ କମିଥିବାରୁ ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଜିଲାର ଡାକ୍ତରଖାନାରେ ଯେପରି ପ୍ରସବ ଶତ ପ୍ରତିଶତ କରାଯାଇପାରିବ ସେ ନେଇ ଆଶାମାନେ ପ୍ରତିଜ୍ଞାବଦ୍ଧ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଶାମାନଙ୍କ ସକ୍ରିୟ ଭୂମିକା ଯୋଗୁ ଜିଲାରେ ମ୍ୟାଲେରିଆ ମୃତ୍ୟୁହାର କମିଥିବା ସେ ପ୍ରକାଶ କରିଥିଲେ। ଏଡିପିଏଚ୍‌ଓ ଡା. ବିଶ୍ୱବିହାରୀ ମହାନ୍ତି ଯୋଗଦେଇ ଗୋଷ୍ଠୀ ସହଭାଗିତା ଜରିଆରେ ମଶାରି ବ୍ୟବହାର ଦ୍ୱାରା ମ୍ୟାଲେରିଆ କମିଥିବାରୁ ଏହାର ଶ୍ରେୟ ଅଶାକର୍ମୀମାନଙ୍କୁ ଦେଇଥିଲେ। ଏଡିଏମ୍‌ଓ (ପରିବାର ମଙ୍ଗଳ) ଡାକ୍ତର ଲାଉଚନ୍ଦ୍ର ତନ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଡିପିଏଚ୍‌ଓ ଡାକ୍ତର ଦିଲୀପ ପଟ୍ଟନାୟକ ଆଶାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଡିପିଏମ୍‌ଏନ୍‌ଏଚ୍ ବିଶ୍ୱରଞ୍ଜନ ରଥ ଆଶାମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ଓ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ, ଆଶା କଲ୍ୟାଣ ଯୋଜନା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଆଶା ଓ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସୁସ୍ଥ ପଞ୍ଚାୟତ, ସୁସ୍ଥ ଗାଁ, ଉତ୍ତମ ଆଶା ଓ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଜିଲା ମୁଖ୍ୟ ଚିକିତ୍ସାଳୟ ହିସାବ ପରିଚାଳକ ସପନ କୁମାର ପାତ୍ରଙ୍କ ସମେତ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆଶା ମ୍ୟାନେଜର ବିକାଶିନୀ ପରିଡ଼ା ପରିଚାଳନା କରିଥିଲେ।



## ସଂକ୍ଷେପରେ

### କମିଲା ବସ୍ ଭଡ଼ା: କିଲୋମିଟର ପିଛା ୧ ଓ ୨ ପଇସା

ଭୁବନେଶ୍ୱର,୬।୩(ବ୍ୟୁରୋ)-ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ ଭଡ଼ା କମିଛି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ ଭଡ଼ା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ ଭଡା କିଲୋମିଟର ପିଛା ୬୯ ପଇସାରୁ ୬୮ପଇସା ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୧ପଇସା ୧ ଟଙ୍କା ୧୯ ପଇସାକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧ରେ ବସ ଭଡା ହ୍ରାସ ପାଇଥିଲା। ମାସକ ମଧ୍ୟରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ ଭଡ଼ା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

### ମା’ ହିଙ୍ଗୁଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୬।୩(ଡି.ଏନ.ଏ.)-କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିରରେ ଶୁକ୍ରବାର ମା’ ହିଙ୍ଗୁଳା ଓ ବାଟ ମଙ୍ଗଳାଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଯଥାରୀତ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନାମସଂକୀର୍ତ୍ତନ ସହ ୨ ଦେବୀଙ୍କ ବେଢ଼ା ପରିକ୍ରମା କରାଯାଇ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ସେଠାରେ ମହିଳା ଭକ୍ତମାନେ ଦୁଇ ଦେବୀଙ୍କ ବନ୍ଦାପନା କରି ବିଦାୟ ପର୍ବ ପାଳନ କରିଥିଲେ। ପରେ ୨ ଦେବୀଙ୍କର ଲେଉଟାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା ବାଟ ମଙ୍ଗଳାଙ୍କୁ ପ୍ରକଳ୍ପସ୍ଥିତ ନିଜ ଆସ୍ଥାନରେ ବିଦାୟ ଦିଆଯିବା ପରେ ଭକ୍ତ ଦଳ ମା ହିଙ୍ଗୁଳାଙ୍କ ପୀଠ ତାଳଚେର ଅଭିମୁଖେ ଗସ୍ତ କରି ସନ୍ଧ୍ୟାରେ ସେଠାରେ ମାଙ୍କୁ ବିଦାୟ ଦେଇ ମନ୍ଦିରକୁ ଫେରିଥିଲେ। ବାବାମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ୍, ୬।୩- ଅନୁଗୋଳ ନୂଆମୌଜାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପ୍ରକାଶ ନାଏକ(୨୦)ଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଅନୁଗୋଳ ଥାନାରେ ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ. ୨୫୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ, ପ୍ରକାଶ ସମ୍ପୃକ୍ତା ମହିଳାଙ୍କ ପୁଅକୁ କିଛି ଦିନ ପୂର୍ବରୁ ଏକ ମୋବାଇଲ ଫୋନ୍ ୩ ହଜାର ଟଙ୍କାରେ ବିକ୍ରି କରିଥିଲେ। ପରେ ସେ ଫୋନ ଫେରାଇ ନେଇଥିଲେ ହେଁ ଟଙ୍କା ଫେରାଉ ନ ଥିଲେ। ଏ ନେଇ ମହିଳା ଜଣକ କହିବାରୁ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ

ମାଧପୁର, ୬।୩- ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ତିତିରିକଟା ଗ୍ରାମରେ ଶୁକ୍ରବାର ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜନ କରାଯାଇ ଠାକୁରଙ୍କୁ ସ୍ଥାପନ କରାଯାଇଥିଲା। ପୁରଞ୍ଜନ ଚନ୍ଦ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ନବ କୁମାର ପ୍ରଧାନ ଏବଂ ସ୍ତ୍ରୀ ଉମାରାଣୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି ନାମଯଜ୍ଞରେ ୫୭ ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ପ୍ରତ୍ୟେକ ଦିନ ହରିହାଟର ବ୍ୟବସ୍ଥା ମଧ କରାଯାଇଛି।

# ବଢୁଛି ଚୋରା ଡିନାମାଇଟ କାରବାର

ଅନୁଗୋଳ ଅଫିସ୍, ୬।୩

- ■ମାଛ ମାରିବାକୁ ଯାଇ ଦରମରା ହେଉଛନ୍ତି ଲୋକେ
- ■୪ ମାସରେ ୯ ଆହତ, ୩ ଗୁରୁତର
- ■ଅଭିଯୋଗକୁ ଅପେକ୍ଷା କରିଛି ପୋଲିସ

ଅନୁଗୋଳ ଜିଲାରେ ବଢ଼ୁଛି ଚୋରା ଡିନାମାଇଟ୍ କାରବାର। ଏହାକୁ ବିସ୍ଫୋରଣ କରି ନଦୀ, ଯୋର ଆଦିରୁ ମାଛ ମାରିବା ସହଜ ହେଉଥିବାରୁ ଅଧିକରୁ ଅଧିକ ଲୋକ ଏ ନେଇ ଆଗ୍ରହ ପ୍ରକାଶ କରୁଥିବା ଦେଖାଯାଉଛି। ଫଳରେ କେତେଜଣ ଚୋରା ବ୍ୟବସାୟୀ ଏହାର ସୁଯୋଗ ନେଇ ସ୍ୱଳ୍ପ ଦରରେ ଏପରି ବିସ୍ଫୋରକ ବିକ୍ରି କରୁଥିବା ଅଭିଯୋଗ ହେଉଛି। କିନ୍ତୁ ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ସାଜି ମଣିଷକୁ ଦରମରା କରୁଛି। ଗତ ୪ ମାସ ମଧ୍ୟରେ ୨ଟି ଦୁର୍ଘଟଣାରେ ୯ ଜଣ ଆହତ ହୋଇଥିବା କୁହାଯାଉଥିଲେ ବି ପୋଲିସ ନିକଟରେ ଡିନାମାଇଟ୍ ବିସ୍ଫୋରଣ ସମ୍ପର୍କରେ କିଛି ବି ସୂଚନା ନାହିଁ। ବିସ୍ଫୋରଣରେ ଆହତ ହେଉଥିବା ଲୋକେ ବାଣ ଫୁଟିଥିବା ତଦନ୍ତ ବେଳେ କହୁଥିବାରୁ ପୋଲିସ ଏ ଦିଗରେ ଆଗେଇପାରୁ ନ ଥିବା ଅନୁଗୋଳ ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ପଥର କ୍ୱାରୀ ପାଇଁ ଡିନାମାଇଟ୍ ଓ ଅନ୍ୟ ବିସ୍ଫୋରକ ଆସୁଛି। କିନ୍ତୁ ଅସାଧୁ ବ୍ୟବସାୟୀମାନେ ଏହାକୁ ଚୋରାରେ ଲୋକଙ୍କୁ ବିକ୍ରି କରୁଛନ୍ତି। ବିଶେଷକରି ଏପରି ବିସ୍ଫୋରକ ବ୍ୟବହାର କରି ଯେଉଁମାନେ ନଦୀ ଓ ଯୋରରୁ ମାଛ ମାରୁଛନ୍ତି ସେମାନେ ସମ୍ପୃକ୍ତ ଚୋରା ବ୍ୟବସାୟୀଙ୍କ ସହ ସିଧାସଳଖ ସମ୍ପର୍କରେ ରହୁଛନ୍ତି। ଆବଶ୍ୟକ ସ୍ଥଳେ ଅଧିକରୁ ଅଧିକ ବିସ୍ଫୋରକ ନେଇ ସେମାନେ ବିଭିନ୍ନ ନଦୀ, ଯୋରରୁ ସହଜରେ ମାଛ ମାରି ବେଶ୍ ଲାଭବାନ ହେଉଛନ୍ତି। କିନ୍ତୁ ଡିନାମାଇଟର ଏପରି ଅପବ୍ୟବହାର ଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ ଘଟୁଛି। ଗତ ଡିସେମ୍ବରରେ ବଉଳୀ ଯୋରରେ ମାଛ ମାରିବାବେଳେ ୫ ଜଣ ଆହତ ହୋଇଥିଲେ। ସେହିପରି ଲିଙ୍ଗରା ନାଳରେ ମାଛ ମାରିବାକୁ ଯାଇ ୪ ଜଣ ଆହତ ହୋଇଥିଲେ। ଡିନାମାଇଟ୍ ଖଞ୍ଜୁଥିବାବେଳେ ଏହା ବିସ୍ଫୋରଣ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ୩ଜଣ ଗୁରୁତର ମଧ ହୋଇଥିଲେ। ଜଣଙ୍କ ଛାତିରେ ପଥର ଖଣ୍ଡ ବାଜିବା ସହ ଗୋଟିଏ ହାତ ପାପୁଲି ଛିଣ୍ଡିଯାଇଥିବା ସେତେବେଳେ ମେଡିକାଲ ସୂତ୍ରରୁ ଜଣାପଡ଼ିଥିଲା। କିନ୍ତୁ ପୋଲିସ ନିକଟରେ ଏ ନେଇ ସେପରି କିଛି ତଥ୍ୟ ନାହିଁ। ଏପରି କି ଡିନାମାଇଟ୍ କିପରି ସାଧାରଣ ଲୋକଙ୍କ ହାତକୁ ଆସୁଛି ତାହା ବି ପୋଲିସ ଜାଣିନାହିଁ। ବିସ୍ଫୋରଣର ଶିକାର ହୋଇ ମେଡିକାଲରେ ଭର୍ତ୍ତି ହେଉଥିବା ଲୋକେ ବାଣ ଫୁଟାଉଥିବା ବେଳେ ଦୁର୍ଘଟଣାର ଶିକାର ହେବା ପୋଲିସକୁ ବୟାନ ଦେଉଥିବା ଏସ୍‌ଡିପିଓ ସାହୁ କହିଛନ୍ତି। ବିବାହ ଋତୁ ଚାଲୁଥିବାରୁ ଲୋକମାନେ ବାଣର ସାହାରା ନେବା ସହଜ ହୋଇଯାଉଛି। ଏପରି କି ଡିନାମାଇଟ୍ ଫୁଟିବା ନେଇ କୌଣସି ଅଭିଯୋଗ ହେଉ ନ ଥିବାରୁ ପୋଲିସ ହାତ ବାନ୍ଧି ବସିଛି। ଅଭିଯୋଗ ହେବା ମାତ୍ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ସ୍ଥାନରେ ବିସ୍ଫୋରଣ ପୂର୍ବରୁ ସୂଚନା ମିଳେ, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପି ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସମସ୍ୟା ନେଇ ଅସନ୍ତୋଷ

ମାଧପୁର/ ଆଠମଲ୍ଲିକ, ୬।୩

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ୩ ଦିନ ହେବ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ମାଧପୁରରେ ବର୍ଷା ହୋଇଥିବାବେଳେ ସେପରି ଝଡତୋଫାନ ନ ହୋଇଥିଲେ ମଧ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆଯାଉଛି। ଏପରିକି ପ୍ରତି ୧୦ /୧୫ ମିନିଟରେ ଥରେ ଲାଇନ କଟି ଯାଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ଜଳ ଯୋଗାଣ ମଧ ବାଧାପ୍ରାପ୍ତ ହୋଇଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଯିବା ସହ ତୁରନ୍ତ ଏହାର ସମାଧାନ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ମତାମତ ମିଳିପାରିନାହିଁ। ସେହିପରି ଆଠମଲ୍ଲିକ ସହରରେ ଶୁକ୍ରବାର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଖବରଲେଖା ହେବା ସୁଦ୍ଧା ସନ୍ଧ୍ୟା ୫ଟା ପରଠାରୁ ବିଦ୍ୟୁତ୍ ନାହିଁ। ଦୀର୍ଘ ତିନିଦିନ ହେଲା ଏପରି ଅବସ୍ଥା ଲାଗି ରହିଛି। ଏହି ବିଭାଗର କର୍ମଚାରୀ ଏଥିପ୍ରତି ଚିନ୍ତା ନାହିଁ। ଫୋନ କଲେ ବି ଗ୍ରାହକଙ୍କୁ ଉତ୍ତର ଦେଉ ନାହାନ୍ତି। ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜନଜୀବନ ସୁରକ୍ଷା କମିଟିର ସମାବେଶ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ୍, ୬।୩

ପ୍ରଦୂଷଣ ବଳୟରେ ଥିବା ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାବାସୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଓ ତାଳଚେର ମେଡିକାଲ କଲେଜକୁ ସରକାର କିମ୍ବା ଏମ୍‌ସିଏଲ୍ ସିଧାସଳଖ ପରିଚାଳନା ଦାବିରେ ଶୁକ୍ରବାର ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସମାବେଶରେ ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇଦେବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ସେସୁ ପକ୍ଷରୁ ଜୁଲୁମ୍ ଓ ବିଦ୍ୟୁତ୍ କାଟ୍ ବନ୍ଦ କରିବାକୁ ଦାବି କରାଯାଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ଓକିଲ ସଂଘ ସଭାପତି ଜିତେନ୍ଦ୍ର ସାହୁ, ପୂର୍ବତନ ସଭାପତି ଦିଲୀପ ଦାସ, ବୁଦ୍ଧିଜୀବୀ ଦାମୋଦର ଦାସ, ରମେଶ ସାହୁ, ଭିକାରି ପ୍ରଧାନ, ପଠାଣି ବାରିହା, ବ୍ରଜବନ୍ଧୁ ସାହୁ, ପରମେଶ୍ୱର ପ୍ରଧାନ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ନିରୋଦ ଚନ୍ଦ୍ର ପାଳ, ଶିବରାମ ବେହେରା, ମାନସ ପାଳ, ରମଣୀରଞ୍ଜନ ପ୍ରଧାନ, ତାଳଚେର ପରିବେଶ ସୁରକ୍ଷା ସମିତିର ଆବାହକ ପଦ୍ମଚରଣ ସାମଲ, ବିନୋଦ ଲାଲ, ପ୍ରେମାନନ୍ଦ ନାୟକ, ସୂର୍ଯ୍ୟକାନ୍ତ ଦାଶ, ଅଶୋକ କୁମାର ପ୍ରଧାନ, ପ୍ରଦ୍ୟୁମ୍ନ ନାଏକ, ନିର୍ମଳ କୁମାର ସାହୁ, ବିଷ୍ଣୁ ସାହୁ, ନିରୁପମା ପ୍ରଧାନ, ମନ୍ଦୋଦରୀ ରାଉଳ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଦିଲ୍ଲୀ ହିଂସାରେ ମୃତ ବ୍ୟକ୍ତିମାନଙ୍କୁ ଷ୍ଟୁଡେଣ୍ଟସ୍ ଫର୍ ଡେମୋକ୍ରାଟିକ୍ ରାଇଟ୍‌ସ୍ ଏଣ୍ଡ ସିକ୍ୟୁଲାରଜିମ୍ (ଏସ୍‌ଡିଆର୍‌ଏସ୍) ଅନୁଗୋଳ ପକ୍ଷରୁ ଶୁକ୍ରବାର ରାଜାଛକ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଫିକା ପଡ଼ିଲା ଦୋଳ ଉତ୍ସବ

**କଣିହାଁ, ୬।୩(ଡି.ଏନ.ଏ.):** କଣିହାଁ ବ୍ଲକରେ ଗୁରୁବାର ଦୋଳ ଉତ୍ସବ ଆରମ୍ଭ ହୋଇଥିବାବେଳେ ବର୍ଷା ଯୋଗୁ ଉତ୍ସବ ପାଳନ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବର୍ଷା ହେବା ଫଳରେ ଠାକୁରଙ୍କ ପଟୁଆର ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ବାଧା ଉପୁଜିଥିଲା। ଗୁରୁବାର ପଡ଼ାଖମଣ ଗ୍ରାମରେ ଫଗୁ ଦଶମୀ ଉତ୍ସବ ପାଳନ ହୋଇଥିଲା। ବର୍ଷା ଯୋଗୁ ନାମ ସଂକୀର୍ତ୍ତନ ଓ ପ୍ରସାଦସେବନ କାର୍ଯ୍ୟ ମଧ ହୋଇପାରିନାହିଁ। ସେହିପରି ସମଲ ଥାନା ବିରୁ ଗ୍ରାମରେ ଏକାଦଶୀ ଦୋଳ ଉତ୍ସବ ପାଇଁ ପଟୁଆର ଚାଲିଥିବାବେଳେ ବର୍ଷା ବାଧକ ସାଜିଥିଲା। ଅନ୍ୟପକ୍ଷରେ ଏହି ଅଦିନିଆ ବର୍ଷା ଯୋଗୁ ଅଞ୍ଚଳର ଚାଷୀମାନେ ଫସଲ କ୍ଷୟକ୍ଷତି ନେଇ ଚିନ୍ତାରେ ପଡିଛନ୍ତି।

## ବର୍ଷାରେ ଚାଷ କ୍ଷତିଗ୍ରସ୍ତ

**ମାଧପୁର, ୬।୩:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆକଟାଠାରୁ ମାଳିପଦର ପର୍ଯ୍ୟନ୍ତ ଚୌରାଶୀ ଅଞ୍ଚଳରେ ତିନି ଦିନ ହେବ ବର୍ଷା ଯୋଗୁ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ଅନେକ ରବି ଫସଲ ସହ ଡାଲିଜାତୀୟ ଫସଲ ନଷ୍ଟ ହୋଇଛି। କ୍ଷେତରେ ଆଣ୍ଠୁଏ ଉଚ୍ଚର ପାଣି ଜମିଛି। ଫଳରେ ବହୁ ଚାଷୀ ଚିନ୍ତାରେ ପଡିଛନ୍ତି। ସରକାରୀ ସ୍ତରରେ ସର୍ଭେ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

# ଏପ୍ରିଲ୍ ୭ରୁ ହିଙ୍ଗୁଳା ଯାତ୍ରା, ଲୋକ ମହୋତ୍ସବ



ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ବୈଠକ।

ତାଳଚେର,୬।୩(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ମା’ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ।

ଚଳିତବର୍ଷ ମା’ଙ୍କ ଏହି ଯାତ୍ରା ଏପ୍ରିଲ ୭ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଯାତ୍ରା ପଡିଆର ନିର୍ଦ୍ଧାରିତ ସ୍ଥାନରେ ମୀନାବଜାର ପଡିବ। ଏଥିପାଇଁ ଏମ୍‌ସିଏଲ୍ ଲିଙ୍ଗରାଜ କ୍ଷେତ୍ର କର୍ତ୍ତୃପକ୍ଷ ୩୦୦ ଷ୍ଟଲ ନିର୍ମାଣ କରି ଟ୍ରଷ୍ଟକୁ ହସ୍ତାନ୍ତର କରିବେ। ଭରତପୁର କ୍ଷେତ୍ର ଯାତ୍ରାସ୍ଥଳରେ ଆଲୋକ ବ୍ୟବସ୍ଥା ଓ ନନ୍ଦିରା କଲିୟରୀ କର୍ତ୍ତୃପକ୍ଷ ବ୍ୟାରିକେଡ୍ ନିର୍ମାଣ କରିବେ। ରୌଦ୍ରତାପରୁ ଭକ୍ତଙ୍କୁ ରକ୍ଷା କରିବାକୁ ପର୍ଯ୍ୟାପ୍ତ ପରିମାଣର କୁଲର୍ ଓ ଫ୍ୟାନ ବ୍ୟବସ୍ଥା କରିବାକୁ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଅନୁରୋଧ କରାଯାଇଥିଲା। ଯାତ୍ରାରେ ପଲିଥିନ୍ ବ୍ୟବହାର ନିଷେଧ କରାଯାଇଥିବା ବେଳେ କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ଅଧିକ କ୍ରିୟାଶୀଳ ହେବା ପାଇଁ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା, ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନଗୁଡିକ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା, ପରିଷ୍କାର ପରିଚ୍ଛନ୍ନତା ଆଦି ଉପରେ ଆଲୋଚନା କରାଯାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭବାନୀଶଙ୍କର ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ହିଙ୍ଗୁଳା ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ, ସଞ୍ଜୟ ସାହୁ, ରାଜେନ୍ଦ୍ର ସିଂହ, ଅରୁଣ ପ୍ରଧାନ, ରତ୍ନାକର ସାହୁ, ସନ୍ତୋଷ କୁମାର ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ଗଗନ ବିହାରୀ ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ, ଭୁବନାନନ୍ଦ ବିଶ୍ୱାଳ, ବିରଞ୍ଚି ସାହୁ, ପୁଷ୍ପାଞ୍ଜଳି ଜ୍ୟୋତିଷ, ଖଣି ଅଧିକାରୀ, ବିଭିନ୍ନ ଗ୍ରାମର ପ୍ରତିନିଧି, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କିଟ୍‌କୁ ୨-୦ ସେଟ୍‌ରେ ହରାଇଲା ଓଏନ୍‌ଜିସି

ଅନୁଗୋଳ ଅଫିସ୍, ୬।୩

ଅନୁଗୋଳ ଭଲିବଲ ହୋମ ପକ୍ଷରୁ ୨୭ତମ ନିଖିଳ ଭାରତ ଆମନ୍ତ୍ରଣ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭଲିବଲ ହୋମ୍ ସଭାପତି ଶରତ ଚନ୍ଦ୍ର ପାଣି ଅଧ୍ୟକ୍ଷତା କରିଥିଲେ। ଶୁକ୍ରବାର ମ୍ୟାଚ ଆରମ୍ଭ ପୂର୍ବରୁ ନୃତ୍ୟ ନିଳୟର କଳାକାରମାନେ ନୃତ୍ୟଗୁରୁ ସ୍ୱପ୍ନା ସିହ୍ନାଙ୍କ ନେତୃତ୍ୱରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ମ୍ୟାଚ ଓଏନ୍‌ଜିସି ଓ କିଟ୍ ବିଶ୍ୱ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଏନ୍‌ଜିସି ଦଳ ୨-୦ରେ ବିଜୟଲାଭ କରିଥିଲା। ମ୍ୟାଚକୁ ସୁଦର୍ଶନ ପଟ୍ଟନାୟକ, ତ୍ରିଲୋଚନ ଦାସ, ଶ୍ରୀକାନ୍ତ ନାୟକ, ବିଦ୍ୟୁତ ଭୂଷଣ ରଥ, ରାଜେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରସ୍ତାବ ସପକ୍ଷରେ ୮ ଭୋଟ



ଅନାସ୍ଥା ଭୋଟ ଦେବାକୁ ଆସିଥିବା ୱାର୍ଡ ସଭ୍ୟ ଓ ଅନ୍ୟମାନେ।

ବନ୍ତଳା, ୬।୩(ଡି.ଏନ.ଏ.)

**ଛେଳିଆପଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା**

ଅନୁଗୋଳ ବ୍ଲକ ଛେଳିଆପଡା ସରପଞ୍ଚ ରଞ୍ଜିତା ମହାଲିକଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବରେ ଶୁକ୍ରବାର ଭୋଟ ଗ୍ରହଣ ହୋଇଛି। ଏହି ପ୍ରସ୍ତାବ ସପକ୍ଷରେ ୧୧ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୮ ଜଣ ଭୋଟ ଦେଇଛନ୍ତି। ପ୍ରସ୍ତାବ ବିପକ୍ଷରେ କୌଣସି ଭୋଟ ପଡି ନ ଥିବା ଜଣାପଡିଛି।

ସରପଞ୍ଚ ମନମୁଖି କାମ କରୁଥିବା ଉପଜିଲାପାଳଙ୍କ ନିକଟରେ ୮ ଜଣ ୱାର୍ଡ ସଭ୍ୟ ଅଭିଯୋଗ କରିବା ପରେ ପଞ୍ଚାୟତ ସମିତି ପକ୍ଷରୁ ଅନାସ୍ଥା ଭୋଟ ପାଇଁ ଚିଠି ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଭୋଟଗ୍ରହଣ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେରେକେଟା ଯୋଗ ଦେଇଥିଲେ। ଅନୁଗୋଳ ଜିପିଓ ଭାସ୍କର ଚନ୍ଦ୍ର ବେହେରା, ଛେଣ୍ଡିପଦା ଜିପିଓ ଜ୍ୟୋତିରଞ୍ଜନ ପ୍ରଧାନ, ପିଅନ କୁମର ଚନ୍ଦ୍ର ଜ୍ୟୋତିଷ ଓ ମାଜିଷ୍ଟ୍ରେଟ ଭାବେ ଏମସିଏଲ ଲ୍ୟାଣ୍ଡ ଆକ୍ୟୁଜିସନ ଅଧିକାରୀ ରତନ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ୧୧ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୮ଜଣ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବା ଅନୁଗୋଳ ଜିପିଓ ଭାସ୍କର ଚନ୍ଦ୍ର ବେହେରା କହିଛନ୍ତି। ତେବେ ଉପଜିଲାପାଳ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଅନୁଗୋଳ ଆଇଆଇସିଙ୍କ ସହିତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ନିୟମିତ ପଞ୍ଜୀକରଣ, ନବୀକରଣ କର

ଅନୁଗୋଳ ଅଫିସ୍, ୬।୩

**ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ନିର୍ମାଣ ଶ୍ରମିକମାନେ।

ଅନୁଗୋଳ ଶ୍ରମ ଜିଲାର ୫ଟି ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ନେଇ ଶୁକ୍ରବାର ଅନୁଗୋଳ ପୌରପାଳିକା ଟାଉନ୍ ହଲ ଠାରେ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ୮୨୯ ଜଣ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୪୨ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ବିଭିନ୍ନ ଯୋଜନା ବାବଦରେ ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ବାର୍ଷିକ ନବୀକରଣ କାର୍ଯ୍ୟ ନିୟମିତ କର। ଏଥିସହ ମୋବାଇଲ ମାଧ୍ୟମରେ ଶ୍ରମିକମାନଙ୍କୁ ଓଡ଼ିଆ ଭାଷାରେ ବାର୍ତ୍ତା ପଠାଇବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହିଳା ନିର୍ମାଣ ଶ୍ରମିକମାନଙ୍କୁ ପ୍ରସୂତିକାଳୀନ ସହାୟତା ପ୍ରଦାନ ପାଇଁ ସେ ଶ୍ରମିକ ବୋର୍ଡ ସହିତ ଆଲୋଚନା କରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ତେବେ ତାଳଚେର ତୁଳନାରେ ଅନୁଗୋଳ ଶ୍ରମ ଜିଲାରେ କମ୍ ସଂଖ୍ୟକ ନିର୍ମାଣ ଶ୍ରମିକ ପଞ୍ଜୀକରଣ ହୋଇଥିବାରୁ ବିଧାୟକ ଆଶ୍ଚର୍ଯ୍ୟ ହେବା ସହ ଅଧିକ ପଞ୍ଜୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ।

ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଖରେ ସରକାରଙ୍କର ବିଭିନ୍ନ ସହାୟତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଶାନ୍ତ କୁମାର ବଳିଆରସିଂହ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୧୧ ଜଣ ଶ୍ରମିକଙ୍କୁ ୧୮ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୧୧ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫୫ ହଜାର, ୫ ଜଣଙ୍କୁ ପ୍ରସବକାଳୀନ ସହାୟତା ବାବଦରେ ୫୦ ହଜାର, ୫୧୨ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧୯ ଲକ୍ଷ ୫୫ ହଜାର ଓ ବିବାହ ସହାୟତା ବାବଦରେ ୨୯୦ ଜଣଙ୍କୁ ୧ କୋଟି ୩ ଲକ୍ଷ ୫୦ ହଜାର ଏପରି ମୋଟ ୮୨୯ ଜଣଙ୍କୁ ୧ କୋଟି ୪୨ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଜିଲାରେ ସମୁଦାୟ ୩୭ ହଜାର ୭୭୫ ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ୨୦୧୯-୨୦ରେ ୫୩୦ ଜଣ ଶ୍ରମିକଙ୍କୁ ୨ କୋଟି ୪୪ ଲକ୍ଷ ୩୫ ହଜାର ଟଙ୍କାର ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ଶିବ ପ୍ରସାଦ ମିଶ୍ର ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ପଞ୍ଜୀକୃତ ଶ୍ରମିକମାନେ ଯୋଗଦେଇଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର, ମାର୍ଚ୍ଚ ୭/୨୦୨୦ Dhenkanal, Saturday, March 7 / 2020

## ସଂକ୍ଷେପରେ

### କଫ୍ ସିରପ୍ ଜବତ, ଜଣେ ଗିରଫ



**ଢେଙ୍କାନାଳ ଅଫିସ, ୬।୩:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ପିଙ୍କୁଆ ଅଞ୍ଚଳରୁ ଗୁରୁବାର ଢେଙ୍କାନାଳ ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ୬୦ ବୋତଲ କଫ୍ ସିରପ୍ ଜବତ କରାଯାଇଛି। ଏହି ଘଟଣାରେ ସନାତନ ସାହୁ (୫୯)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ଭକ୍ତବତ୍ସଳ ବର୍ମା, ଗଙ୍ଗାଧର ସ୍ୱାଇଁ, ଏଏସ୍ଆଇ ପଙ୍କଜ ଦେହୁରୀ, ଜ୍ୟୋତିର୍ମୟୀ ଦାସ ସଦଳବଳ ଏହି ଚଢ଼ାଉ କରିଥିଲେ। ଏ ନେଇ ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ୧୯୮୫ରେ ମାମଲା ରୁଜୁ କରାଯାଇଛି। ଉକ୍ତ ସିରପ୍ ନିଶା କାରବାରରେ ବ୍ୟବହୃତ ହେଉଥିବା ଜଣାପଡ଼ିଛି।

### ଅଷ୍ଟପ୍ରହର ନାମଯଜ୍ଞ



**ସାତମାଇଲ, ୬।୩(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଦୁଦୁରକୋଟ କରଣସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଗଡ଼କନ୍ଦରରୁ ୧୦୮ ମହିଳା ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାର ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା ସହ ଅନ୍ୟାନ୍ୟ ବିଧି କରାଯାଇଥିଲା। ଆଖପାଖ ଅଞ୍ଚଳର ୪୩ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଦିଲୀପ ପଟ୍ଟନାୟକ ଏବଂ ଚମ୍ପାବତୀ ପଟ୍ଟନାୟକ କର୍ତ୍ତା ରହିଥିବାବେଳେ ପୁରୋଧା ଶାନ୍ତନୁ କୁମାର ରଥ ପୂଜା କାର୍ଯ୍ୟ ତୁଲାଇଥିଲେ। କମିଟି ସଭାପତି ବେଣୁଧର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶୁକ୍ରବାର ରାଧାକୃଷ୍ଣଙ୍କ ବିଗ୍ରହକୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇଥିଲା। ଦଧିହାଣ୍ଡି ଭଙ୍ଗାଯିବା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଆୟୋଜିତ ଆନନ୍ଦବଜାର କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

# ପଞ୍ଚାୟତିରାଜ ବ୍ୟବସ୍ଥା ସଶକ୍ତ କରିବାକୁ ଦାବି

**ଢେଙ୍କାନାଳ ଅଫିସ, ୬।୩**



କଂଗ୍ରେସ କର୍ମକର୍ତ୍ତାମାନେ ସ୍ମାରକପତ୍ର ଦେଉଛନ୍ତି।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ସ୍ମାରକପତ୍ର**

- ଅଫିସରଙ୍କ କବଳରେ ରହିଛି ଶାସନତନ୍ତ୍ର
- ଗ୍ରାମସଭାକୁ ଗୁରୁତ୍ୱ ଦେଉନାହାନ୍ତି ସରକାର
- ଜନପ୍ରତିନିଧିଙ୍କ ଭତ୍ତା ବୃଦ୍ଧି କରାଯାଉ

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଦାବିରେ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ଏବଂ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପଞ୍ଚାୟତିରାଜ ବ୍ୟବସ୍ଥା ଗଣତନ୍ତ୍ରର ମୌଳିକ ଉପାଦାନ। କ୍ଷମତା ବିକେନ୍ଦ୍ରୀକରଣର ଏହା ହେଉଛି ସର୍ବୋତ୍ତମ ମାଧ୍ୟମ । ତୃଣମୂଳସ୍ତରର ବିକାଶର ଏହା ହେଉଛି ଚାବିକାଠି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଦେଶର ବିକାଶ ଲାଗି ଏହାକୁ ପ୍ରାଥମିକତା ଦେଇଥିଲେ। ତାଙ୍କର ଉଦ୍ୟମରେ ୭୩ ଏବଂ ୭୪ତମ ସମ୍ବିଧାନ ସଂଶୋଧନରେ ଏହା ଆଇନରେ ପରିଣତ ହୋଇଥିଲା। ହେଲେ ଓଡ଼ିଶା ସରକାର ଏହି ଆଇନକୁ ମାନୁନାହାନ୍ତି। ଶାସନତନ୍ତ୍ର ଅଫିସରଙ୍କ କବଳରେ ରହିଛି। ଉନ୍ନୟନମୂଳକ କାର୍ଯ୍ୟ ଲାଗି ଜନମତ ସଂଗ୍ରହ ଅପରିହାର୍ଯ୍ୟ। ଏଥିଲାଗି ଗ୍ରାମସଭା, ପଲ୍ଲିସଭା ସର୍ବୋତ୍ତମ ମାଧ୍ୟମ। ହେଲେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଦଳୀୟ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଜିଲାପାଳଙ୍କୁ ଲେଖିଥିବା ଚିଠିକୁ ତୁରନ୍ତ ପ୍ରତ୍ୟାହାର କରିବା, ପଞ୍ଚାୟତ ପ୍ରକଳ୍ପ ଖର୍ଚ୍ଚ ପାଇଁ ବିଡିଓଙ୍କ ଅନୁମୋଦନକୁ ବାଧ୍ୟତାମୂଳକ ନ କରିବା, ପଞ୍ଚାୟତକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ଅଧିକାରକୁ ସୁରକ୍ଷା ଦେବା, ଗ୍ରାମସଭା ଓ ପଲ୍ଲିସଭାର ବିନା ଅନୁମୋଦନରେ କୌଣସି କାର୍ଯ୍ୟ ନ କରିବା, ଆବାସ ଯୋଜନାରେ ସମ୍ପୃକ୍ତ ୱାର୍ଡର ୱାର୍ଡସଭ୍ୟଙ୍କ ଅନୁମୋଦନକୁ ବାଧ୍ୟତାମୂଳକ କରିବା, ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି କରିବା ଆଦି ଦାବିରେ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସୁବାସିନୀ ମହାକୁଡ, ଡା. ତୁଷାରକାନ୍ତି ନାୟକ, ନିଶାକର ସାହୁ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ରୁଦ୍ରପ୍ରକାଶ ଶରଣ, ପ୍ରକାଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ୨୨ରେ ଆଲୁମନି ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ



ବୈଠକରେ ସଂଘର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୬।୩**

ଢେଙ୍କାନାଳ କଲେଜ ଆଲୁମ୍ନି ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଆସୋସିଏଶନର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ନିର୍ବାଚନରେ ସମସ୍ତ ସଦସ୍ୟ ଯୋଗଦେବାକୁ ନିବେଦନ କରାଯାଇଛି। ସେହିପରି କଲେଜର ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର ନେଇ ୟୁଜିସି ନିଷ୍ପତ୍ତି ବିରୋଧରେ ଏମ୍‌ପିଙ୍କୁ ରବିବାର ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ଦିବଂଗତ ସଭାପତି ବିନୟାନନ୍ଦ ମହାପାତ୍ରଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ସୁନୀଲ ଦାଶ, ଅଟଳବିହାରୀ ଦାଶ, ଅମର ସ୍ୱାଇଁ, ବିରଞ୍ଚି ନାରାୟଣ ସେଠ୍, ପ୍ରକାଶ ଚନ୍ଦ୍ର କୁଅଁର, ବେଣୁଧର ସାହୁ, ଗୁପ୍ତେଶ୍ୱର ମିଶ୍ର, ପ୍ରଦ୍ୟୁମ୍ନ ରଥ, ସୁକାନ୍ତ ମିଶ୍ର, ବିରଞ୍ଚି ନାରାୟଣ ପାଣି, ଶରତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# ଦେଢ଼ମାସ ହେଲା ନଳକୂପ ଅଚଳ

**ପରଜଙ୍ଗ, ୬।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ ଅଧୀନ ସରକିଶୋରପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂପ ଦେଢ଼ମାସ ହେଲା ଅଚଳ ହୋଇପଡ଼ିଛି। ଫଳରେ ଛାତ୍ରୀଛାତ୍ରମାନେ ପାଣି ପାଇଁ ତହଲବିକଳ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇରେ ମଧ୍ୟ ସମସ୍ୟା ଉପୁଜୁଛି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରା ନ ଗଲେ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ଦୈନିକ ପିଇବା ପାଣି ପାଇଁ ସେମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ବିଭାଗ ପକ୍ଷରୁ ବାରମ୍ବାର ଏହାର ମରାମତି କରାଯାଉଥିଲେ ମଧ୍ୟ ନଳକୂପ ପୁଣି ଅଚଳ ହୋଇପଡୁଛି। ଆଗକୁ ପିଲାଙ୍କ ପରୀକ୍ଷା ଥିବାରୁ ଏ ଦିଗରେ ଯତ୍ନବାନ ହେବାକୁ ଅଭିଭାବକ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

ଏ ନେଇ ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ବିରଜା ଶଙ୍କର ଦାସ କୁହନ୍ତି, ସେ ନୂଆରେ ଦାୟିତ୍ୱ ନେଇଛନ୍ତି। ସେଥିଲାଗି କିଛି ସମସ୍ୟା ସୃଷ୍ଟି ହୋଇଛି। ତେବେ ତୁରନ୍ତ ଅଚଳ ନଳକୂପ ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



- ପାଣି ପାଇଁ ଛାତ୍ରୀଛାତ୍ର ହୀନସ୍ତା
- ତାଲା ପକାଇବାକୁ ଚେତାବନୀ

ଅଚଳ ହୋଇପଡ଼ିଥିବା ନଳକୂପ।

# ‘ବିପଦରେ ଆତଙ୍କିତ ନ ହେବା ବଡ଼ ଆହ୍ୱାନ’

**ଢେଙ୍କାନାଳ ଅଫିସ, ୬।୩**

**ଆଇଆଇଏମ୍‌ସିର ତୃତୀୟ ଲ୍ୟାବ୍ ଜର୍ନାଲ ଉନ୍ମୋଚିତ**



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

ପ୍ରତ୍ୟେକଙ୍କ ଜୀବନରେ ବିଭିନ୍ନ ସମୟରେ ସମସ୍ୟା ଆସେ। ବାଧା ମଧ୍ୟ ଉପୁଜିଥାଏ। ଏ କ୍ଷେତ୍ରରେ ଭାଙ୍ଗି ନ ପଡ଼ି ସାହସର ସହ ପରିସ୍ଥିତିକୁ ସାମ୍ନା କଲେ ସମସ୍ୟାର ସମାଧାନ ସହଜରେ ହୋଇପାରିବ। ବିପଦ ସମୟରେ ଆତଙ୍କିତ ନ ହେବା ସବୁଠୁ ବଡ଼ ଆହ୍ୱାନ। ନକାରାତ୍ମକ ଦୃଷ୍ଟିଭଙ୍ଗୀ ତ୍ୟାଗ କରିଦେଲେ ଏକ ଅଦୃଶ୍ୟ ଶକ୍ତି ଆସି ସମସ୍ୟା ସମାଧାନ ଦିଗରେ ବାଟ କଢ଼ାଇନେବ ବୋଲି କହିଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ଡ. ସ୍ମୃତି ମହାପାତ୍ର। ଢେଙ୍କାନାଳ ଆଇଆଇଏମ୍‌ସିରେ ଶୁକ୍ରବାର ଆୟୋଜିତ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କୁ ଏପରି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସଂସ୍ଥାନ ପକ୍ଷରୁ ପ୍ରକାଶିତ ତୃତୀୟ ଲ୍ୟାବ ଜର୍ନାଲ ଉନ୍ମୋଚିତ ହୋଇଥିଲା।

ଏହି ଉପଲକ୍ଷେ ଡ. ମହାପାତ୍ର ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ର ଅମନ ଆୟୁଷ୍ମାନ, ଇଂଲିଶ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ପ୍ରିୟଙ୍କା ଯାଦବଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିସହ ଦୀର୍ଘବର୍ଷ ତଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ସେ କିଭଳି ଭାବେ ପରିସ୍ଥିତିର ସାମ୍ନା କରିଥିଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଫେସର ମୃଣାଳ ଚାଟ୍ଟାର୍ଜୀ, ସହକାରୀ ପ୍ରଫେସର ସମ୍ବିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।





# କରୋନା ଚିକିତ୍ସା ପାଇଁ ଆଇସିୟୁ ସୁବିଧା ଦାବି

**ଢେଙ୍କାନାଳ ଅଫିସ, ୬।୩**

କରୋନା ସଂକ୍ରମିତଙ୍କୁ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ଏବଂ ଭେଣ୍ଟିଲେଟର ବ୍ୟବସ୍ଥା କରିବା ପାଇଁ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କରୋନା ସଂକ୍ରମଣରୁ ରକ୍ଷା ଲାଗି ଆବଶ୍ୟକ ବନ୍ଦୋବସ୍ତ କରିବା, ପ୍ରତିଷେଧକ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେବା ଜରୁରୀ। ସେହିପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଗ୍ରାମାଞ୍ଚଳରେ ଅଙ୍ଗନୱାଡି କର୍ମୀ, ଏସ୍ଏଚ୍‌ଜି ଏବଂ ଏନ୍‌ଜିଓ ସହାୟତାରେ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବା ମଧ୍ୟ ସେତିକି ଆବଶ୍ୟକ ବୋଲି ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ପାଣିଗ୍ରାହୀ ଦାବି କରିଛନ୍ତି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଡ. ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ଶରଣ, ନିଶାକର ସାହୁ, ସୁବାସିନୀ ମହାକୁଡ, ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, କୈଳାସ ସେଠୀ ପ୍ରମୁଖ ଏ ନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଛନ୍ତି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ